रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ଵଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ବାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ବାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିୟୁପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ବାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ବେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାର 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ବନ୍ଦୀ ବିନିମୟ ଅଧିନିୟମ, 1948

(1948 ର ଅଧିନିୟମ ସଂ 58)

## ପାକିସ୍ଥାନ ସହିତ ଏକ ଚୁକ୍ତି ଅନୁସାରେ ବନ୍ଦୀମାନଙ୍କୁ ବିନିମୟ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ବନ୍ଦୀମାନଙ୍କୁ ଭାରତରୁ ପାକିସ୍ଥାନକୁ ଅନ୍ତରଣ କରିବା ପାଇଁ ଏବଂ ପାକିସ୍ଥାନରୁ କେତେକ ନିର୍ଦ୍ଦିଷ୍ଟ ବନ୍ଦୀମାନଙ୍କୁ ଗ୍ରହଣ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଏକ ଅଧିନିୟମ

[1948, ସେପ୍ଟେମ୍ବର 1]

ଯେହେତୁ ଭାରତ ସରକାର ଏବଂ ପାକିସ୍ଥାନ ସରକାର ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବନ୍ଦୀମାନଙ୍କୁ ଦୁଇଦେଶ ମଧ୍ୟରେ ବିନିମୟ କରିବାକୁ ଏକ ଚୁକ୍ତି ହୋଇଥିବାରୁ ଏବଂ ଯେହେତୁ ଉକ୍ତ ଚୁକ୍ତି ଅନୁସାରେ ଭାରତରୁ ପାକିସ୍ଥାନକୁ କେତେକ ନିର୍ଦ୍ଦିଷ୍ଟ ବନ୍ଦୀମାନଙ୍କୁ ଅନ୍ତରଣ କରିବା ପାଇଁ ଏବଂ ପାକିସ୍ଥାନରୁ କେତେକ ନିର୍ଦ୍ଦିଷ୍ଟ ବନ୍ଦୀମାନଙ୍କୁ ଭାରତ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିବାକୁ, ଆବଶ୍ୟକ ହେବାରୁ ଏହା ନିମ୍ନମତେ ଏତଦ୍ଵାରା ଅଧିନିୟମିତ ହେଲା—

ସଂକ୍ଷିପ୍ତ ନାମ ଏବଂ ବ୍ୟାପ୍ତି ।

1. (1) ଏହି ଅଧିନିୟମକୁ ବନ୍ଦୀ ବିନିମୟ ଅଧିନିୟମ, 1948 କୁହାଯିବ ।

(2) ଏହା ସମଗ୍ର ଭାରତ ପ୍ରତି ପ୍ରଯୁଜ୍ୟ ହେବ ।

ସଂଜ୍ଞା

2. ବିଷୟଗତ ବା ପ୍ରସଙ୍ଗଗତ କୌଣସି ଅସଙ୍ଗତି ନ ଥିଲେ ଏହି ଅଧିନିୟମରେ—

(କ) 'କାରାଗାର' କୌଣସି ସହାୟକ ଜେଲ, ବିଗ୍ରହ ବିଭାଗୀୟ ହାଜତ ଏବଂ ପୋଲିସ ହାଜତ ଏବଂ କୌଣସି ସ୍ଥାନ ଯାହାକି ତତ୍ ସମୟେ ପ୍ରବୃତ୍ତ ଥିବା କୌଣସି ବିଧି ଅନୁଯାୟୀ ନିରୋଧ ହେବାକୁ ଆଦେଶ ପାଇଥିବା ବ୍ୟକ୍ତିମାନଙ୍କର ଅଭିରକ୍ଷା ପାଇଁ ବ୍ୟବହୃତ ହୁଏ ଏବଂ ସମସ୍ତଙ୍କୁ ଅନ୍ତର୍ଗତ କରେ ।

(ଖ) 'ବନ୍ଦୀ' ଅର୍ଥ କୌଣସି ବ୍ୟକ୍ତି ଯେ କି 1948 ମସିହା ଅଗଷ୍ଟ ପ୍ରଥମ ଦିନରେ ବା ପୂର୍ବରୁ ଏକ ସିଭିଲ ନ୍ୟାୟାଳୟ ବା ସାମରିକ ଅଦାଲତ ଭିନ୍ନ କୌଣସି ନ୍ୟାୟାଳୟ ବା ପ୍ରାଧିକାରୀଙ୍କ ସମାଦେଶ, ଓ୍ଵାରେଣ୍ଟ ବା ଆଦେଶ ଅନୁଯାୟୀ କାରାଗାରରେ ଅଭିରକ୍ଷାର ସୁପର୍ଦ୍ଦ ହୋଇଛନ୍ତି ।

(ଗ) (1) ଅନ୍ତରଣୀୟ ବନ୍ଦୀ କହିଲେ ପଞ୍ଜାବ ରାଜ୍ୟରେ (1956 ମସିହା ନଭେମ୍ବର 1 ତାରିଖ ପୂର୍ବରୁ ଏହା ଯେପରି ଥିଲା ତଦନୁଯାୟୀ) କୌଣସି ବନ୍ଦୀ ଯେ କି ଜଣେ ମୁସଲମାନ ହୋଇ ଏହି ଅଧିନିୟମର ବ୍ୟବସ୍ଥାମାନ ଅନୁଯାୟୀ ପାକିସ୍ଥାନକୁ ଅନ୍ତରୃତ ହେବାପାଇଁ ଇଚ୍ଛା କରୁଅଛନ୍ତି ।

(2) ଭାରତର ଅନ୍ୟ କୌଣସି ଅଂଶରେ ଏଭଳି ଶ୍ରେଣୀର କୌଣସି ବନ୍ଦୀ ଯାହା କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ଵାରା ନିର୍ଦ୍ଦିଷ୍ଟ କରିଥିବେ ଯେ କି ଜଣେ ମୁସଲମାନ ହୋଇ ଏହି ଅଧିନିୟମର ବ୍ୟବସ୍ଥାମାନ ଅନୁଯାୟୀ ପାକିସ୍ଥାନକୁ ଅନ୍ତରିତ ହେବାକୁ ଇଚ୍ଛା କରୁଥିବେ ।

ବନ୍ଦୀମାନଙ୍କୁ ଅନ୍ତରଣ କରିବା ପାଇଁ ଓ୍ଵାରେଣ୍ଟମାନ ପ୍ରଦାନ ।

3. ରାଜ୍ୟ ସରକାର ବନ୍ଦୀଖାନାର ଦାୟିତ୍ଵରେ ଥିବା ଅଧିକାରୀଙ୍କୁ ସମ୍ବୋଧନ କରି ଏକ ଓ୍ଵାରେଣ୍ଟ ପ୍ରଦାନ କରିବେ ଯେଉଁଥିରେ ଓ୍ଵାରେଣ୍ଟ ଉପସ୍ଥାପିତ କରୁଥିବା ବ୍ୟକ୍ତିଙ୍କୁ କାରାଗାରରେ ପରିରୁଦ୍ଧ ବା ନିରୁଦ୍ଧ ଅଟକ ହୋଇଥିବା କୌଣସି ଅନ୍ତରଣୀୟ ରାଜ୍ୟ ବନ୍ଦୀଙ୍କ ସହିତ ଏଭଳି ବନ୍ଦୀଙ୍କ ସମ୍ପର୍କିତ ସମସ୍ତ ଅଭିଲେଖ ଏବଂ ତାଙ୍କର କାରାଗାରରେ ପ୍ରବେଶ ସମୟରେ ତାଙ୍କଠାରୁ ନିଆଯାଇଥିବା ବ୍ୟକ୍ତିଗତ ପରିସମ୍ପଦା ଦେଇଦେବେ ।

ବନ୍ଦୀମାନଙ୍କର ଅପସାରଣ ଏବଂ ଅର୍ପଣ ।

4. ଧାରା 3 ଅନୁଯାୟୀ ପ୍ରଦତ୍ତ ଏକ ଓ୍ଵାରେଣ୍ଟ ଉପସ୍ଥାପନରେ କାରାଗାରର ଦାୟିତ୍ଵରେ ଥିବା ଅଧିକାରୀ ଓ୍ଵାରେଣ୍ଟକୁ ତତ୍କ୍ଷଣାତ ପାଳନ କରିବେ ଏବଂ ତାହା ଉପରେ ଯେଉଁ ବ୍ୟକ୍ତିଙ୍କୁ ଓ୍ଵାରେଣ୍ଟ ଅନୁସାରେ ବନ୍ଦୀ ଅଭିଲେଖମାନ ଏବଂ ଜିନିଷପତ୍ରମାନ ଦିଆଯାଉଅଛି ତାଙ୍କର ଦସ୍ତଖତ ରଖିବେ ଏବଂ ସେହି ବ୍ୟକ୍ତି କାରାଗାରର ବନ୍ଦୀ ଅଭିଲେଖ ଏବଂ ପଦାର୍ଥମାନ ଅପସାରିତ କରିବେ ଏବଂ ରାଜ୍ୟ ସରକାର ଏ ସମ୍ପର୍କରେ ସାଧାରଣ ବା ସ୍ଵତନ୍ତ୍ର ଆଦେଶରେ ନିର୍ଦ୍ଦିଷ୍ଟ କରୁଥିବାମତେ ପାକିସ୍ଥାନର ଏଭଳି ପ୍ରାଧିକୃତ ଅଧିକାରୀ ଏଭଳି ସ୍ଥାନରେ ଅର୍ପଣ କରିବେ ।

ଭାରତୀୟ ନ୍ୟାୟାଳୟ ଏବଂ ପ୍ରାଧିକାରୀ-ମାନଙ୍କର ବନ୍ଦୀମାନଙ୍କ ଉପରେ କ୍ଷେତ୍ରାଧିକାର ସମାପ୍ତି ।

5. ଧାରା 4ର ଉପବନ୍ଧମାନଙ୍କର ଅନୁସାରେ ପାକିସ୍ଥାନର ଏକ ଅଧିକାରୀଙ୍କୁ ଜଣେ ବନ୍ଦୀଙ୍କର ଅଭିରକ୍ଷା ଅର୍ପଣ ଉପରେ ଭାରତରେ ଥିବା ସମସ୍ତ ନ୍ୟାୟାଳୟ ଏବଂ ପ୍ରାଧିକାରୀମାନଙ୍କର ଯେଭଳି ଧାରା 8 ରେ ଉପବନ୍ଧିତ ହୋଇଅଛି ତଦ୍‌ଭିନ୍ନ ବା ସେହି ଧାରାର ପ୍ରୟୋଜନମାନଙ୍କପାଇଁ ବନ୍ଦୀଙ୍କ ସଂପର୍କରେ କୌଣସି କ୍ଷେତ୍ରାଧିକାର କ୍ଷେତ୍ର ଅପରାଧ ସମ୍ବନ୍ଧରେ ବା ଅନ୍ୟ ବିଷୟରେ ଯାହାକି ତାଙ୍କର କାରାଗାରରେ ପରିରୋଧ ବା ଅଟକର କାରଣ ଥିଲା ତାହା ରହିବ ନାହିଁ ବା ପ୍ରୟୋଗ ହୋଇ ପାରିବ ନାହିଁ ।

ଖସି ପଳାଇବା ଉପରେ ଅଭିରକ୍ଷା ଏବଂ ପୁଣି ଧରିନେବାର ବୈଧତା ।

6. ଧାରା 4ର ଉପବନ୍ଧମାନ ଅନୁଯାୟୀ ପାକିସ୍ଥାନର ଯେକୌଣସି ଅଧିକାରୀଙ୍କୁ ଜଣେ ବନ୍ଦୀଙ୍କର ଅଭିରକ୍ଷା ଦିଆଯାଉଅଛି ତାଙ୍କ ପକ୍ଷରେ ଏଭଳି ବନ୍ଦୀଙ୍କ ଅଭିରକ୍ଷା ଗ୍ରହଣ କରିବା ଏବଂ ଧାରଣ କରିବା ଏବଂ ତାଙ୍କୁ ଭାରତ ବାହାରକୁ ବହନ କରିବା ବିଧି ସମ୍ମତ ହେବ ଏବଂ ଯଦି ଭାରତ ମଧ୍ୟରେ ଏ ଭଳି ବନ୍ଦୀ ଖସି ପଳାଏ ତେବେ ତାଙ୍କୁ ପୁଣି ଧରି ନିଆଯିବ ଯେପରି କୌଣସି ଅପରାଧରେ ଅଭିଯୁକ୍ତ ବ୍ୟକ୍ତି ପଳାଇଗଲେ ତାଙ୍କୁ ପୁଣି ଧରି ନିଆଯାଏ ।

ଅନ୍ତରିତ ବନ୍ଦୀଙ୍କ ସଂପର୍କରେ ଥିବା ଅଭି-ଲେଖମାନଙ୍କର ଅନ୍ତରଣ ।

7. ଏହି ଅଧିନିୟମର ଉପବନ୍ଧମାନ ଅନୁଯାୟୀ ଯେଉଁଠାରେ କୌଣସି ବନ୍ଦୀଙ୍କୁ ପାକିସ୍ଥାନକୁ ଅନ୍ତରିତ ହୋଇଅଛି ବା ଯିବ ସେଠାରେ ରାଜ୍ୟ ସରକାର ସେହି ବନ୍ଦୀଙ୍କ ସଂପର୍କରେ ଥିବା ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ସମେତ କୌଣସି କାର୍ଯ୍ୟାନୁଷ୍ଠାନରେ ଅଭିଲେଖ ଯେକୌଣସି ନ୍ୟାୟାଳୟ କାର୍ଯ୍ୟାଳୟରୁ ଅଧ୍ୟପେକ୍ଷା କରିପାରିବେ ଏବଂ ଏଭଳି ଅଭିଲେଖ ପାକିସ୍ଥାନ ସରକାର ବା ପାକିସ୍ଥାନରେ ଥିବା କୌଣସି ପ୍ରଦେଶର ସରକାରଙ୍କ ନିକଟକୁ ପଠାଇଦେବା ପାଇଁ ନିର୍ଦ୍ଦେଶ ଦେବେ ।

ଅନ୍ତରିତ ବନ୍ଦୀମାନଙ୍କର ଭାରତକୁ ଫେରି ଆସିବାକୁ ନିଷେଧ କରିବା

8. (1) ଏହି ଅଧିନିୟମର ଉପବନ୍ଧ ଅନୁଯାୟୀ ଅନ୍ତରିତ ହୋଇଥିବା କୌଣସି ବ୍ୟକ୍ତି କେନ୍ଦ୍ର ସରକାରଙ୍କ ଲିଖିତ ଅନୁମତି ବିନା ଭାରତକୁ ଫେରିପାରିବ ନାହିଁ ।

(2) ଯଦି କୌଣସି ବ୍ୟକ୍ତି ଉପଧାରା (1) ର ଉପବନ୍ଧମାନ ଉଲ୍ଲଙ୍ଘନ କରନ୍ତି ତେବେ ସେ ତ୍ରିନିବର୍ଷ ପର୍ଯ୍ୟନ୍ତ ବ୍ୟାପ୍ତ କାଳାବଧିର କାରାବାସରେ ଦଣ୍ଡିତ ହେବେ ଏବଂ ଯଦି ପାକିସ୍ଥାନକୁ ତାଙ୍କର ଅନ୍ତରଣ ସମୟରେ ସେ ଭାରତରେ କାରାଦଣ୍ଡ ଭୋଗୁଥିବେ ତେବେ ସେ ଅନ୍ତରଣ ପରେ ପାକିସ୍ଥାନରେ ଯେଉଁ କାଳାବଧି ପାଇଁ ଅଟକ ବା ପରିରୁଦ୍ଧଥିଲେ ତାହା ହିସାବକୁ ନ ନେଇ ସେପରି ଅନବସିତ ଅଂଶପାଇଁ ସେ ପୁନଶ୍ଚ କାରାଦଣ୍ଡ ଭୋଗ କରିବେ ।

(3) ଯଦି ପାକିସ୍ଥାନକୁ ତାଙ୍କର ଅନ୍ତରଣ ସମୟରେ କୌଣସି ବ୍ୟକ୍ତିଙ୍କର ଉପଧାରା (1)ର ଉପବନ୍ଧ ଉଲ୍ଲଙ୍ଘନ ପାଇଁ ଭାରତର କୌଣସି ନ୍ୟାୟାଳୟରେ କୌଣସି ଅପରାଧ ପାଇଁ ବିଚାର ଚାଲୁଥିବ ତେବେ ଉପଧାରା (2)ର ଉପବନ୍ଧ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ କ୍ଷେତ୍ରାଧିକାର ଥିବା ସେହି ବା ଅନ୍ୟ ନ୍ୟାୟାଳୟରେ ଉକ୍ତ ବ୍ୟକ୍ତି ଏଭଳି ଅପରାଧର ବିଚାର ପାଇଁ ଦାୟୀ ରହିବେ:

ପରନ୍ତୁ ଏଭଳି ବ୍ୟକ୍ତି ଯଦି ଭାରତକୁ ତାଙ୍କର ଫେରିବା ପୂର୍ବରୁ ପାକିସ୍ଥାନରେ ସକ୍ଷମ କ୍ଷେତ୍ରାଧିକାର ଥିବା ନ୍ୟାୟାଳୟ ଦ୍ୱାରା ଅପରାଧ ପାଇଁ ବିଚାର ଭୋଗିଛନ୍ତି ଏବଂ ଅପରାଧରେ ଦୋଷସିଦ୍ଧ ବା ଦୋଷମୁକ୍ତ ହୋଇଛନ୍ତି ତେବେ ସେ ଭାରତରେ କୌଣସି ନ୍ୟାୟାଳୟ ଦ୍ୱାରା ସେହି ଅପରାଧରେ ପୁଣି ବିଚାର ପାଇଁ ଦାୟୀ ହେବେ ନାହିଁ ।

ପାକିସ୍ଥାନରୁ ଅନ୍ତରିତ ହୋଇଥିବା ବନ୍ଦୀମାନଙ୍କୁ ଭାରତରେ ଗ୍ରହଣ ।

9. (1) କେନ୍ଦ୍ର ସରକାର ସାଧାରଣ ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା କେଉଁ ସ୍ଥାନ ବା ସ୍ଥାନମାନଙ୍କରେ କେଉଁ ଅଧିକାରୀ ବା ଅଧିକାରୀମାନଙ୍କୁ ପାକିସ୍ଥାନରେ ପରିରୁଦ୍ଧ ବା ଅଟକ ଥିବା ବନ୍ଦୀମାନଙ୍କର ଅଭିରକ୍ଷା ଭାରତ ସରକାର ଏବଂ ପାକିସ୍ଥାନ ସରକାରଙ୍କ ମଧ୍ୟରେ ଏହି ସଂପର୍କରେ ହୋଇଥିବା ଚୁକ୍ତି ଅନୁସାରେ ଦିଆଯିବ ତାହା ନିର୍ଦ୍ଦିଷ୍ଟ କରିବେ ।

(2) ଉପରୋକ୍ତମତେ ଏଭଳି କୌଣସି ଅଧିକାରୀଙ୍କ ପକ୍ଷରେ ଏଭଳି ପଠାଯାଇଥିବା କୌଣସି ବନ୍ଦୀଙ୍କୁ ଗ୍ରହଣ କରିବା ଏବଂ ତାଙ୍କର ଅଭିରକ୍ଷା କରିବା ଏବଂ ଭାରତର ଏକ ରାଜ୍ୟରେ ଥିବା କୌଣସି କାରାଗାରାକୁ ବିଧି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପଠାଇବା ବିଧିସମ୍ମତ ହେବ ଯଦି ବନ୍ଦୀ ଏଭଳି ଅଭିରକ୍ଷାରୁ ଖସି ପଳାନ୍ତି ତେବେ ତାଙ୍କୁ ପୁଣି ଧରି ନିଆଯିବ ଯେପରି ଭାରତୀୟ ବିଧି ବିରୁଦ୍ଧରେ କରିଥିବା ଅପରାଧରେ ଅଭିଯୁକ୍ତ କୌଣସି ବ୍ୟକ୍ତିଙ୍କୁ ସେ ପଳାଇଗଲେ ପୁଣି ଧରି ନିଆଯାଏ ।

1948 ର ଅଧ୍ୟାଦେଶର ନିରସନ ।

10. (1) ବନ୍ଦୀ ବିନିମୟ ଅଧ୍ୟାଦେଶ, 1948 ଏତଦ୍ୱାରା ନିରସିତ ହେଲା ।

(2) ଉକ୍ତ ଅଧ୍ୟାଦେଶ ଏହି ଅଧିନିୟମ ଦ୍ୱାରା ହୋଇଥିବା ନିରସନ ତହିଁର ପୂର୍ବ କାର୍ଯ୍ୟକାରିତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ଏବଂ ଉକ୍ତ ଅଧ୍ୟାଦେଶ ଦ୍ୱାରା ବା ତଦନୁଯାୟୀ ନ୍ୟସ୍ତହୋଇଥିବା କୌଣସି କ୍ଷମତାର ପ୍ରୟୋଗରେ କରାଯାଇଥିବା କୌଣସି ଆଦେଶ, ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ, କରାଯାଇଥିବା କାର୍ଯ୍ୟ ସମସ୍ତ ପ୍ରୟୋଜନ ପାଇଁ ଏବଂ ଏହି ଅଧିନିୟମ ଦ୍ୱାରା ନ୍ୟସ୍ତ ହୋଇଥିବା କ୍ଷମତାମାନଙ୍କର ପ୍ରୟୋଗରେ କରାଯାଇଅଛି, ନିଆଯାଇଅଛି ବା ହୋଇଅଛି ବୋଲି ବିବେଚିତ ହେବ ସତେ ଯେପରି ଏହି ଅଧିନିୟମ 1948 ମସିହା ଅପ୍ରେଲ 20 ଦିନ ଠାରୁ ଆରମ୍ଭ ହୋଇଥିଲା ।